**ରିପୋର୍ଟ ଯୋଗ୍ୟ**

ଭାରତର ସର୍ବୋଚ୍ଚ ନ୍ୟାୟାଳୟ

ଦେୱାନୀ ଅପିଲ ନ୍ୟାୟାଳୟରେ

**<u>୨୦୨୨ ର ସିଭିଲ ଆବେଦନ ନଂ.୧୦୮୩</u>**

ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ..................... ଆବେଦନକାରୀ (ମାନେ)

ବନାମ

ମେସର୍ସ ପଣ୍ଡା ଇନଫ୍ରାପ୍ରୋଜେକ୍ଟ ଲିମିଟେଡ................... ଉତ୍ତରଦାତା (ମାନେ)

ଏଥି ସହିତ

**<u>୨୦୨୨ ର ସିଭିଲ ଆବେଦନ ନଂ. ୧୦୮୪</u>**

ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ.................................... ଆବେଦନକାରୀ(ମାନେ)

ବନାମ

ମେସର୍ସ ପଣ୍ଡା ଇନଫ୍ରା ପ୍ରୋଜେକ୍ଟସ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ.......... ଉତ୍ତରଦାତା(ମାନେ)

(କ) **ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତ** – ଠିକାଦାର ନିର୍ମାଣ କାର୍ଯ୍ୟ କରିବା ସମୟରେ ରାଜିନାମା ର ନିୟମାବଳୀ ଏବଂ ପ୍ରକରଣ ପୁସ୍ତିକା ଅନୁଯାୟୀ ଗୁଣାତ୍ମକ ମାନର ଜିନିଷ ବ୍ୟବହାର କରି ନ ଥିଲେ ଏବଂ ନିର୍ମାଣ କାର୍ଯ୍ୟ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାର ସୁ-ବନ୍ଦୋବସ୍ତ କରି ନ ଥିଲେ - ଠିକାଦାର ଙ୍କ ତ୍ରୁଟି ବିଚ୍ୟୁତି ଯୋଗୁଁ ଜଣେ ବ୍ୟକ୍ତି ଙ୍କ ମୃତ୍ୟୁ ଘଟିଥିଲା। ଏବଂ ୧୧ ଜଣ ଆହତ ହୋଇଥିଲେ – ସରକାର ଙ୍କ ଦ୍ୱାରା ଠିକାଦାର ଙ୍କୁ କାରଣ ଦର୍ଶାଇବାର ସୁଯୋଗ ଦିଆ ଯାଇଥିଲା – ସରକାର ଠିକାଦାର ଙ୍କ ର କାରଣ ଦର୍ଶାଅ ଉତ୍ତର ର ସମୀକ୍ଷା କରିବା ପରେ ଠିକାଦାର ଙ୍କୁ କଳା ତାଲିକା ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ – ସରକାର ଙ୍କ ପ୍ରଣାଳୀ ପ୍ରାକୃତିକ ନ୍ୟାୟ ସିଦ୍ଧାନ୍ତ ର ବିରୁଦ୍ଧାଚରଣ କରୁଛି ବୋଲି ଉଚ୍ଚ ନ୍ୟାୟାଳୟ ଦେଇଥିବା ରାୟ ଟି ଯୁକ୍ତି ଯୁକ୍ତ କି ? – ରାୟ, ନାଁ – ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ଦ୍ୱାରା ପ୍ରାକୃତିକ ନିୟମ ଉଲଂଘନ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। (ଅନୁଚ୍ଛେଦ – ୮.୫ )

(ଖ) **ସ୍ଥାୟୀ ପ୍ରତିବନ୍ଧକ/କଳା ତାଲିକା ଆଇନ ସମ୍ମତ କି** ? – ରାୟ – ନାଁ , ସ୍ଥାୟୀ ଭାବେ ନିଷିଦ୍ଧ କରିବା ଅତ୍ୟନ୍ତ କଠୋର ଦଣ୍ଡ ବୋଲି କୁହାଯାଇପାରେ । ଆମର ମତ ଏହି ଯେ ଯଦି କଳା ତାଲିକାଭୁକ୍ତ କରିବା

ସମୟକୁ ପାଞ୍ଚ ବର୍ଷ ମଧ୍ୟରେ ସୀମିତ ରଖାଯାଏ, ତେବେ ଏହା ସର୍ବାଙ୍ଗୀନ ଉପଯୁକ୍ତ ହୋଇପାରେ ।
(ଅନୁଚ୍ଛେଦ – ୯.୧)

## ପୂର୍ବ ଆଧାରିତ ସିଦ୍ଧାନ୍ତ :-

୧. (୧୯୭୫) ୧ ଏସ ସି ସି ୭୦ : ଏରୁସିଆନ୍ ଇକ୍ୱିପମେଣ୍ଟ ଆଣ୍ଡ କେମିକାଲ୍ସ ଲିମିଟେଡ ବନାମ ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟ
୨. (୨୦୧୪)୧୪ ଏସ ସି ସି ୭୩୧ : କୁଲଜା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବନାମ ଚିଫ୍ ଜେନେରାଲ ମ୍ୟାନେଜର, ୱେଷ୍ଟର୍ଣ୍ଣ ଟେଲିକମ୍ ପ୍ରକଳ୍ପ ଭାରତ ସଞ୍ଚାର ନିଗମ ଲିମିଟେଡ ଏବଂ ଅନ୍ୟ
୩. ୨୦୧୯(୧୭) ସ୍କେଲ ୭୫୮ : ମେସର୍ସ ଡାଫୋଡିଲ୍ସ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ
୪. (୨୦୦୧) ୮ ଏସ୍ ସି ସି ୬୦୪ : ଗ୍ରୋସନ୍ସ ଫାର୍ମାସ୍ୟୁଟିକାଲ (ପି) ଲିମିଟେଡ ଏବଂ ଅନ୍ୟ ବନାମ ଉତ୍ତର ପ୍ରଦେଶ ରାଜ୍ୟ
୫. (୨୦୧୪) ୯ ଏସ୍ ସି ସି ୧୦୫: ଗୋର୍ଖା ସିକ୍ୟୁରିଟି ସର୍ଭିସେସ୍ ବନାମ ସରକାର (ଏନ ସି ଟି ଅଫ୍ ଦିଲ୍ଲୀ) ଓ ଅନ୍ୟମାନେ

**ସରକାରୀ ଓକିଲ** :- ମହାଧିବକ୍ତା (ଆଡ଼ଭୋକେଟ ଜେନେରାଲ) ଶ୍ରୀ ଅଶୋକ କୁମାର ପରିଜା

**ପ୍ରତିବାଦୀ ଓକିଲ** :- ଶ୍ରୀମାନ୍ ଶ୍ରୀ ଶିବ ଶଙ୍କର ମିଶ୍ର

## ରାୟ

**ଏମ୍. ଆର. ଶାହ, ବିଚାରପତି**

୧. ପ୍ରତିବାଦୀଙ୍କୁ ପ୍ରତ୍ୟକ୍ଷ ଭାବରେ ହେଉ ବା ପରୋକ୍ଷରେ ଅନ୍ୟ କୌଣସି ନାମ ବା ଶୀର୍ଷକ ଅଧୀନରେ ହେଉ , ଔଚିତ୍ୟ ନିଲାମଧାରୀ ଭାବରେ ଓଡ଼ିଶା ରାଜ୍ୟ ସରକାରଙ୍କର କୌଣସି କାର୍ଯ୍ୟରେ ଭାଗ ନେବାକୁ ବା ନିଲାମ ଡାକିବାକୁ ତଥା ରାଜ୍ୟ ସରକାରଙ୍କ ସହିତ ଯେ କୌଣସି ବ୍ୟବସାୟିକ କାର୍ଯ୍ୟ ନିର୍ବାହ / ଦେଣନେଣ କରିବାକୁ ନିଷେଧାଜ୍ଞା ଜାରି କରି ରାଜ୍ୟ ସରକାର ଦେଇଥିବା ଆଦେଶକୁ , ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନ ନମ୍ବର ୨୬୪୦୮/୨୦୧୭ ରେ ତା୨୩.୦୩.୨୦୨୧ରିଖର ଆକ୍ଷେପିତ ରାୟ ଓ ଆଦେଶ ଦ୍ୱାରା ଏହି ଆବେଦନକୁ ଅନୁମତି ପ୍ରଦାନପୂର୍ବକ , ନାକଚ ତଥା ରଦ୍ଦ କରିଦେଇଥିବାରୁ ତଦ୍ୱାରା ବ୍ୟଥିତ ଓ ଅସନ୍ତୁଷ୍ଟ ହୋଇ ରାଜ୍ୟ ସରକାର ବର୍ତ୍ତମାନର ଏହି ଦେୱାନୀ ଅପିଲ ନମ୍ବର ୧୦୮୩ /୨୦୨୨ କୁ ଆଗତ କଲେ ।

୨. ପୂର୍ବରୁ ୨୦୧୭ ର ଡବ୍ଲ୍ୟୁ .ପି. (ସି) ନଂ ୨୬୪୦୮ ରେ ଦେଇଥିବା ତା ୨୩.୦୩.୨୦୨୧ ରିଖର ପାରିତ ଆଦେଶ ପରିଣାମସ୍ୱରୂପ ପରବର୍ତ୍ତୀକାଳରେ ୨୦୨୧ ର ଡବ୍ଲ୍ୟୁ .ପି. (ସି) ନଂ ୧୬୭୨୩ ରେ ତା ୦୪.୦୬.୨୦୨୧ ରିଖରେ ଓଡ଼ିଶା ସରକାରଙ୍କୁ ଏହି ଅପିଲର ଠିକାଦାର-ପ୍ରତିବାଦୀଙ୍କ ନାମକୁ କଳା ତାଲିକାଭୁକ୍ତ ଠିକାଦାରଙ୍କ ସୂଚୀରୁ ହଟାଇବା ଲାଗି ନିର୍ଦ୍ଦେଶ ଦେଇ ଉଚ୍ଚ ନ୍ୟାୟାଳୟ ଦେଇଥିବା ଆଦେଶ

ଦ୍ୱାରା ବ୍ୟଥିତ ଏବଂ ଅସନ୍ତୁଷ୍ଟ ହୋଇ ରାଜ୍ୟ ସରକାର ବର୍ତ୍ତମାନର ଏହି ଦେୱାନୀ ଅପିଲ ନମ୍ବର ୧୦୮୪ / ୨୦୨୨ କୁ ଆଗତ କଲେ ।

୩. ଭୁବନେଶ୍ୱରର ବମିଖାଲ ଜଙ୍କସନରେ ରେଳବାଇ ଲେଭେଲ କ୍ରସିଂ ଉପରେ ଫ୍ଲାଇଓଭର ନିର୍ମାଣ ପାଇଁ ଠିକାଦାରଙ୍କୁ ଏକ ଠିକା ପ୍ରଦାନ କରାଯାଇଥିଲା । ଉକ୍ତ ଠିକା ଅନୁଯାୟୀ ଉତ୍ତରଦାତା-ଠିକାଦାର ଉକ୍ତ ଫ୍ଲାଇଓଭର ନିର୍ମାଣ କରିଥିଲେ । ୨୦୧୭ରେ କଂକ୍ରିଟ କରିବା ସମୟରେ ଏହି ରେଳବାଇ ଫ୍ଲାଇଓଭରର ୧୦ ମିଟର ସ୍ଲାବ ଭୁଶୁଡ଼ି ପଡ଼ିଥିଲା । ଲେଭେଲ କ୍ରସିଂରେ ଥିବା  ରେଳ ଓଭର ବ୍ରିଜରେ ଜୀବନ ଓ ସମ୍ପତ୍ତି ହାନି ଘଟିଥିଲା । ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧ ଜଣ ଆହତ ହୋଇଛନ୍ତି । ମୁଖ୍ୟ ଇଞ୍ଜିନିୟର (ଡିଜାଇନ) ଏବଂ ମୁଖ୍ୟ ଇଞ୍ଜିନିୟର (ଡି ପି ଆଇ ଏବଂ ସଡ଼କ) ଏହାର ଉଚ୍ଚସ୍ତରୀୟ ତଦନ୍ତ କରିଥିଲେ । ବ୍ୟାପକ ତଦନ୍ତ ପରେ କମିଟି ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲା ଏବଂ ଏଥିରେ ଠିକାଦାର-ପ୍ରତିବାଦୀ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏହା ଜଣାପଡ଼ିଥିଲା ଯେ ଠିକାଦାର ଫର୍ମୱାର୍କ ଡିଜାଇନ ଦାଖଲ କରି ନଥିଲେ ଏବଂ ନିଜର ବ୍ୟବସ୍ଥା ଗ୍ରହଣ କରିଥିଲେ ଯାହା ଫଳରେ ନିର୍ମାଣ ସମୟରେ ଏତେ ବିଶାଳ ସଂରଚନା ଭାଙ୍ଗି ଯାଇଥିଲା । ଏହା ମଧ୍ୟ ଜଣାପଡ଼ିଥିଲା ଯେ ନିର୍ମାଣ ସମୟରେ ଠିକାଦାର ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିନଥିଲେ , ଯଦି ନିରାପତ୍ତା ଉପାୟ ଅବଲମ୍ବନ କରିଥାନ୍ତେ ତେବେ ଏଭଳି ଏକ ଦୁର୍ଭାଗ୍ୟଜନକ ଦୁର୍ଘଟଣାକୁ  ଏଡ଼ାଇ ଦିଆଯାଇପାରିଥାନ୍ତା । ରାଜିନାମାର ନିୟମ ଓ ପ୍ରକରଣ ପ୍ରକ୍ରିୟା ଅନୁଯାୟୀ ଗୁଣାତ୍ମକ ମାନ ବଜାୟ ରଖାଯାଇନଥିବା ମଧ୍ୟ ଜଣାପଡ଼ିଛି । ଅନ୍ୟ ଫର୍ମୱାର୍କ ଆସେମ୍ବ୍ଲିରେ ଦେଖିବାକୁ ମିଳିଥିବା ପରି ଏଠାରେ କର୍ମଦକ୍ଷତାରେ ଅନେକ ଅଭାବ ରହିଛି ଯାହା କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଭାବ ପକାଇପାରେ । ତେଣୁ କମିଟି ଏହି ଗୁରୁତର ଦୁର୍ଘଟଣା ପାଇଁ ଠିକାଦାରଙ୍କୁ ଦାୟୀ କରିଛି ।

୩.୧ ଏହି ରିପୋର୍ଟ ଆଧାରରେ ରାଜ୍ୟ ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି ଏବଂ ଓଡ଼ିଶା ସରକାରୀ ପୂର୍ତ୍ତ ବିଭାଗ (ଓ ପି ଡବ୍ଲୁ ଡି) ନିୟମ ଅନୁଯାୟୀ ପ୍ରକ୍ରିୟାକୁ ଅନୁସରଣ କରି ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି  ରାଜିନାମା  ନଂ.୧୫ ଏବଂ ପି ୧ / ୨୦୧୧ – ୧୨ ର ସମ୍ବନ୍ଧିତ ଅନୁବିଧିକୁ ଉଲ୍ଲଂଘନ କରିବା ପାଇଁ କାହିଁକି ତାଙ୍କୁ  କଳା ତାଲିକାଭୁକ୍ତ କରାଯିବ ନାହିଁ ବୋଲି କାରଣ ଦର୍ଶାଇବାକୁ କୁହାଯାଇଥିଲା । ପ୍ରତିବାଦୀ ଏକ  ବିସ୍ତୃତ ଉତ୍ତର ଦାଖଲ କରିଥିଲେ । ଉକ୍ତ କାରଣ ଦର୍ଶାଅ

ନୋଟିସର ଅଭିଯୋଗକୁ ଏବଂ ଏହାର ପ୍ରତିପାଦିତ ଉତ୍ତରକୁ ବିଚାର କରି ଓଡ଼ିଶାର ମୁଖ୍ୟ ଇଞ୍ଜିନିୟର (ଡି ପି ଆଇ ଏବଂ ସଡ଼କ) ୨୦୧୭ ଡିସେମ୍ବର ୧୨ ତାରିଖରେ ଚୁକ୍ତିରେ ଥିବା ସର୍ତ୍ତ ଜାଣିଶୁଣି ଉଲ୍ଲଂଘନ କରିଥିବା ଏବଂ ଏହି କାରଣରୁ କ୍ଷତି ଓ ଜୀବନହାନି ଘଟିଥିବା ହେତୁ ପ୍ରତିବାଦୀ-ଠିକାଦାରଙ୍କୁ ତୁରନ୍ତ ଦୋଷୀ/କଳା ତାଲିକାଭୁକ୍ତ କରି ଆଦେଶ ଜାରି କଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା କୌଣସି କାର୍ଯ୍ୟରେ ଅଂଶଗ୍ରହଣ କରିବା କିମ୍ବା ନିଲାମୀ କରିବା ଉପରେ ଅଙ୍କୁଶ ଲଗାଯାଇଥିଲା ଏବଂ ଠିକାଦାରଙ୍କୁ ଓଡ଼ିଶା ସରକାରଙ୍କ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ବ୍ୟବସାୟ କାର୍ଯ୍ୟ କରିବା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଥିଲା ।

୩.୨ ତା ୧୨.୧୨.୨୦୧୭ ରିଖର କଳା ତାଲିକାଭୁକ୍ତ ଆଦେଶରେ ବ୍ୟଥିତ ହୋଇ ଠିକାଦାର କଳା ତାଲିକାଭୁକ୍ତ କରିଥିବା ଆଦେଶକୁ ଖାରଜ କରିବାକୁ ପ୍ରାର୍ଥନା କରି ୨୦୧୭ ର ରିଟ ଆବେଦନ (ସି) ନଂ. ୨୬୪୦୮ ଦାଖଲ କରିଥିଲେ । ମୁଖ୍ୟତଃ ଉଚ୍ଚ ନ୍ୟାୟାଳୟ କଳା ତାଲିକାଭୁକ୍ତ ଆଦେଶକୁ କେବଳ ଏହି କାରଣରୁ ରଦ୍ଦ କରିଛନ୍ତି ଯେ ଏହା ପ୍ରାକୃତିକ ନ୍ୟାୟୋଚିତ ନୀତିକୁ ଉଲଂଘନ କରୁଛି । କଳା ତାଲିକାଭୁକ୍ତ କରିବାର ଆଦେଶକୁ ରଦ୍ଦ କରି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆକ୍ଷେପିତ ରାୟ ଏବଂ ଆଦେଶ ଏହି ୨୦୨୨ର ଦେୱାନୀ ଆବେଦନ ନମ୍ବର ୧୦୮୩ ର ବିଷୟବସ୍ତୁ ଅଟେ।

୩.୩ ଏହା ପରେ ଠିକାଦାର ଅନ୍ୟ ଏକ ରିଟ ଆବେଦନ ନଂ.(ସି) ୧୬୭୨୩ / ୨୦୨୧ ଦାଖଲ କରିଥିଲେ ଏବଂ ଅଭିଯୋଗ କରିଥିଲେ ଯେ ରିଟ୍ ଆବେଦନ (ସି) ନଂ.୨୬୪୦୮ / ୨୦୧୭ ରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା କଳା ତାଲିକାଭୁକ୍ତ ଆଦେଶକୁ ରଦ୍ଦ କରାଯାଇଥିବା ସତ୍ତ୍ୱେ ଠିକାଦାରଙ୍କ ନାମ ଓଡ଼ିଶା ସରକାରଙ୍କ ସରକାରୀ ପୋର୍ଟାଲରେ ଦୋଷୀ/କଳା ତାଲିକାଭୁକ୍ତ କରି ଦର୍ଶାଯାଉଛି । ୨୦୨୧ ମସିହା ଜୁନ ୪ ତାରିଖର ଆଦେଶ ଅନୁଯାୟୀ ଉଚ୍ଚ ନ୍ୟାୟଳୟ ଉକ୍ତ ରିଟ ଆବେଦନର ଫଇସଲା କରି ଓଡିଶା ସରକାରଙ୍କ ଅଫିସିଆଲ୍ ପୋର୍ଟାଲରେ ଠିକାଦାରଙ୍କ ନାମ ଦୋଷୀ/କଳା ତାଲିକାଭୁକ୍ତ ଦର୍ଶାଇବା ବନ୍ଦ କରିବାକୁ , ତାଙ୍କୁ ଲାଇସେନ୍ସ ନବୀକରଣ କରିବାକୁ ଓ ଭବିଷ୍ୟତରେ ଟେଣ୍ଡରରେ ଭାଗ ନେବାକୁ କ୍ଷମ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୧ର ରିଟ ଆବେଦନ (ସି) ନଂ. ୧୬୭୨୩ ରେ ଉଚ୍ଚ ନ୍ୟାୟାଳୟଙ୍କଦ୍ୱାରା ତା ୦୪.୦୬.୨୦୨୧ ରିଖରେ ଜାରି କରାଯାଇଥିବା ଆଦେଶ ୨୦୨୨ର ସିଭିଲ ଆବେଦନ ନଂ.୧୦୮୪ ର ବିଷୟବସ୍ତୁ ଅଟେ ।

୪. ଓଡ଼ିଶା ସରକାରଙ୍କ ପକ୍ଷରୁ ବରିଷ୍ଠ ମହାଧିବକ୍ତା (ଆଡ଼ଭୋକେଟ ଜେନେରାଲ) ଶ୍ରୀ ଅଶୋକ କୁମାର ପରିଜା ଏବଂ ଠିକାଦାର-ପ୍ରତିବାଦୀ ପକ୍ଷରୁ ଶ୍ରୀମାନ୍ ଓକିଲ ଶ୍ରୀ ଶିବ ଶଙ୍କର ମିଶ୍ର ହାଜର ହୋଇଛନ୍ତି।

୫. ଓଡ଼ିଶା ସରକାରଙ୍କ ତରଫରୁ ବରିଷ୍ଠ ମହାଧିବକ୍ତା (ଆଡ଼ଭୋକେଟ ଜେନେରାଲ) ଶ୍ରୀ ଅଶୋକ କୁମାର ପରିଜା ଦୃଢ଼ ଯୁକ୍ତି ବାଢ଼ିଥିଲେ ଯେ ଏହି ମାମଲାର ସତ୍ୟାସତ୍ୟ ଓ ପରିସ୍ଥିତିରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିବାଦୀ-ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପାରିତ ଆଦେଶକୁ ନାକଚ କରିବା ଏବଂ ତାହାକୁ ରଦ୍ଦ କରିବା ଆପାତତଃ ଉଚ୍ଚ ନ୍ୟାୟାଳୟଙ୍କର ଭୁଲ ଅଟେ ।

୫.୧ ଏହା କୁହାଯାଉଛି ଯେ କଳା ତାଲିକାଭୁକ୍ତ କରିବା ଆଦେଶ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଂଘନ କରୁଛି କହିବା ଉଚ୍ଚ ନ୍ୟାୟାଳୟଙ୍କର ଭୁଲ୍ ହୋଇଛି ।

୫.୨ ଏହା ଦାଖଲ କରାଯାଇଛି ଯେ ପ୍ରତିବାଦୀ-ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ପୂର୍ବରୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରି ପ୍ରତିବାଦୀଙ୍କୁ ପରିବେଷଣ କରାଯାଇଥିଲା । ଓ ପି ଡବ୍ଲୁ ଡି ନିୟମାବଳୀର ପରିଶିଷ୍ଟ ୩୪ ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟାକୁ ଅନୁସରଣ କରାଯାଇଥିଲା ଏବଂ ଠିକାଦାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ଉତ୍ତରକୁ ବିଚାର କରିବା ପରେ କଳା ତାଲିକାଭୁକ୍ତ ଆଦେଶ ପାରିତ କରାଯାଇଥିଲା । ତେଣୁ କଳା ତାଲିକାଭୁକ୍ତ କରିବା ଆଦେଶକୁ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଙ୍ଘନ କରୁଛି ବୋଲି କହି ଉଚ୍ଚ ନ୍ୟାୟାଳୟ ଭୁଲ ନିଷ୍ପତ୍ତି ନେଇଛନ୍ତି ।

୫.୩ ରାଜ୍ୟର ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ) ଶ୍ରୀ ପରିଜାଙ୍କ ଦ୍ୱାରା ଏହା ମଧ୍ୟ ଦାଖଲ କରାଯାଇଛି ଯେ କଳାତାଲିକା ସୂଚୀ ଆଦେଶ ପୂର୍ବ ନିର୍ଦ୍ଧାରିତ ଥିଲା କାରଣ ତାହା ତଦନ୍ତ ରିପୋର୍ଟରେ କରାଯାଇଥିବା ସୁପାରିଶ ଆଧାରରେ ପାରିତ ହୋଇଥିଲା ବୋଲି କହି ଉଚ୍ଚ ନ୍ୟାୟାଳୟ ନେଇଥିବା ଏହି ନିଷ୍ପତ୍ତି ଭୁଲ ଅଟେ । ଦୋଷୀ /କଳା ତାଲିକାଭୁକ୍ତ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ବାସ୍ତବରେ ତଦନ୍ତ କମିଟି ଦ୍ୱାରା ରେକର୍ଡ କରାଯାଇଥିବା ଫଳାଫଳକୁ ଆଧାର କରାଯାଇଛି ବୋଲି କୁହାଯାଇପାରେ । ତେଣୁ , କଳା ତାଲିକାଭୁକ୍ତ ସୂଚୀ ପ୍ରସ୍ତୁତ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିବା ସମୟରେ ତଦନ୍ତ କମିଟି ଦ୍ୱାରା ରେକର୍ଡ କରାଯାଇଥିବା ଫଳାଫଳକୁ ଏକ ପ୍ରାଥମିକ ମତ ବୋଲି କୁହାଯାଇପାରେ । ଏହା ଦର୍ଶାଯାଇଛି ଯେ କେବଳ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ଏବଂ ତଦନ୍ତ

ରିପୋର୍ଟକୁ ବିଚାରକୁ ନେଇ ଦୋଷୀ / କଳା ତାଲିକାଭୁକ୍ତ ଆଦେଶ ଜାରି କରାଯିବା କାରଣରୁ ଏହା କୁହା ଯାଇପାରିବ ନାହିଁ ଯେ କଳା ତାଲିକାଭୁକ୍ତ ଆଦେଶ ପୂର୍ବରୁ ନିର୍ଦ୍ଧାରିତ ଥିଲା ।

୫.୪ ରାଜ୍ୟ ତରଫରୁ ଉପସ୍ଥିତ ରହି ରାଜ୍ୟର ମହାଧିବକ୍ତା (ଆଡଭୋକେଟ୍ ଜେନେରାଲ) ଶ୍ରୀ ପରିଜାଙ୍କ ଦ୍ୱାରା ଏହା ମଧ୍ୟ ଦାଖଲ କରାଯାଇଛି ଯେ ଅନ୍ୟଥା , କଳା ତାଲିକାଭୁକ୍ତ ସୂଚୀ ଆଦେଶକୁ ରଦ୍ଦ କରି ଆକ୍ଷେପିତ ରାୟ ଏବଂ ଆଦେଶ ଦେବା ସମୟରେ ଉଚ୍ଚ ନ୍ୟାୟାଳୟ ଠିକାଦାରଙ୍କ ବିରୋଧରେ ଅଭିଯୋଗର ଗମ୍ଭୀରତାକୁ ଆଦୌ ବିବେଚନା କରିନାହାନ୍ତି । ଏହା ଦାଖଲ କରାଯାଇଛି ଯେ ଠିକାଦାରଙ୍କ ତରଫରୁ ଏହା ଏକ ଗୁରୁତର ତ୍ରୁଟି ଥିଲା ଏବଂ ତାଙ୍କର ଏତାଦୃଶ କାର୍ଯ୍ୟଚ୍ୟୁତି ଓ ତ୍ରୁଟି ଯୋଗୁଁ ଏପରି ଏକ ଗୁରୁତର ଘଟଣା ଘଟିଥିଲା , ଯେଉଁଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା ଏବଂ ୧୧ ଜଣ ଆହତ ହୋଇଥିଲେ । ଆବେଦନରେ କୁହାଯାଇଛି ଯେ , ତେଣୁ ପ୍ରତିବାଦୀ-ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରି ଦିଆଯାଇଥିବା ରାଜ୍ୟ ସରକାରଙ୍କ ଦ୍ୱାରା ଆଦେଶରେ ଉଚ୍ଚ ନ୍ୟାୟାଳୟଙ୍କର ହସ୍ତକ୍ଷେପ ଉଚିତ ନଥିଲା ।

୬. ପ୍ରତିବାଦୀ-ଠିକାଦାର ତରଫରୁ ହାଜର ହେଉଥିବା ଶ୍ରୀମାନ ଓକିଲ ଶ୍ରୀ ଶିବ ଶଙ୍କର ମିଶ୍ର , ବର୍ତ୍ତମାନର ଅପିଲର ତୀବ୍ର ବିରୋଧ କରିଛନ୍ତି ।

୬.୧ ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିଗତ ଦୃଷ୍ଟିରୁ ଉଚ୍ଚ ନ୍ୟାୟାଳୟ ଯଥାଯଥ ମତ ଦେଇଛନ୍ତି ଏବଂ କଳା ତାଲିକାଭୁକ୍ତ ସୂଚୀର ଆଦେଶ ପୂର୍ବ ନିର୍ଦ୍ଧାରିତ ଥିଲା ଏବଂ ଏହା ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଂଘନ କରୁଛି ବୋଲି କହିବା ଯଥାର୍ଥ ବୋଲି ଉପସ୍ଥାପିତ କରାଯାଇଛି ।

୬.୨ ଏହା ଦାଖଲ କରାଯାଇଛି ଯେ ଉତ୍ତରଦାତାଙ୍କୁ-ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ପୂର୍ବରୁ , ସରକାରୀ ପୂର୍ତ୍ତ ବିଭାଗର ଅନୁସଚିବ (ଅଣ୍ଡର ସେକ୍ରେଟାରୀ) ମୁଖ୍ୟ ଯନ୍ତ୍ରୀଙ୍କୁ ତା ୧୦.୧୦.୨୦୧୭ ରିଖରେ ଏକ ପତ୍ର ଲେଖିଥିଲେ , ଯାହା ଦର୍ଶାଉଛି ଯେ ସରକାର କଳା ତାଲିକାଭୁକ୍ତ ସୂଚୀର ନିର୍ଦ୍ଦେଶ ଦେଇସାରିଥିଲେ ଏବଂ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ଦାଖଲ କରାଯାଇଛି ଯେ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାର କାର୍ଯ୍ୟ ପୂର୍ବ ନିର୍ଦ୍ଧାରିତ ଥିଲା ବୋଲି କହିବା ସଠିକ୍ । ଏହା ଦର୍ଶାଯାଇଛି ଯେ ଉଚ୍ଚ ନ୍ୟାୟାଳୟ ଠିକ୍ ଭାବେ କହିଛନ୍ତି ଯେ କାରଣ ଦର୍ଶାଅ ନୋଟିସ୍ ଦେବା କେବଳମାତ୍ର ଏକ

ଔପଚାରିକତା ଥିଲା ଯାହାକି ପୂର୍ବରୁ ଠିକାଦାରଙ୍କୁ କଳା  ତାଲିକାଭୁକ୍ତ କରିବା ନିଷ୍ପତ୍ତି ବଦଳାଇବା ଅଭିପ୍ରାୟରେ ନଥିଲା ।

୬.୩ ଏହା ମଧ୍ୟ ଦର୍ଶାଯାଇଛି ଯେ କାରଣ ଦର୍ଶାଅ ନୋଟିସରେ ମଧ୍ୟ ତା ୧୦ .୧୦ .୨୦୧୭ ରିଖର ପତ୍ର ଏବଂ / କିମ୍ବା କମିଟିର ରିପୋର୍ଟ ବିଷୟରେ କୌଣସି ଉଲ୍ଲେଖ ନଥିଲା ।

୬.୪ ଏହା ମଧ୍ୟ ଦାଖଲ କରାଯାଇଛି ଯେ ଠିକାଦାରଙ୍କ ଦ୍ୱାରା ଉଲ୍ଲଂଘନର ଗୁରୁତର ଅଭିଯୋଗ ଥିବା କାରଣ ଦର୍ଶାଅ ନୋଟିସ୍ ପରେ ମଧ୍ୟ ଠିକାଦାରଙ୍କୁ ସଂଶୋଧିତ ଡିଜାଇନରେ ଅବଶିଷ୍ଟ କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଥିଲା , ଯାହାକୁ ଠିକାଦାର-ପ୍ରତିବାଦୀ ତା  ୩୧ .୦୩ .୨୦୧୮ରିଖ  ସୁଦ୍ଧା ବିଭାଗର ସନ୍ତୋଷ ଅନୁଯାୟୀ ଆଶାନୁରୂପେ ସମ୍ପୂର୍ଣ୍ଣ କରିନେଇଥିଲେ । ଏହା ଦାଖଲ କରାଯାଇଛି ଯେ , ତେଣୁ ଉଚ୍ଚ ନ୍ୟାୟାଳୟ  ଉତ୍ତରଦାତା-ଠିକାଦାରଙ୍କୁ କଳା  ତାଲିକାଭୁକ୍ତ କରିବା ଆଦେଶକୁ ରଦ୍ଦ କରି ଠିକ୍ କରିଛନ୍ତି ।

୬.୫ ବିକଳ୍ପରେ , ପ୍ରତିବାଦୀ-ଠିକାଦାରଙ୍କ ତରଫରୁ ଉପସ୍ଥିତ ଶ୍ରୀମାନ ଓକିଲଙ୍କ ଦ୍ୱାରା ଯୁକ୍ତି ଦିଆଯାଉଛି ଯେ ମାମଲାର ତଥ୍ୟ ଏବଂ ପରିସ୍ଥିତିଗତ ଦୃଷ୍ଟିରୁ , ପ୍ରତିବାଦୀ-ଠିକାଦାରଙ୍କୁ ସ୍ଥାୟୀ ଭାବେ କଳା ତାଲିକାଭୁକ୍ତ କରିବାର ଆଦେଶ ଅତ୍ୟଧିକ କଠୋର ଏବଂ / ଅଥବା ପ୍ରତିବାଦୀ-ଠିକାଦାରଙ୍କ ବିରୋଧରେ ପ୍ରମାଣିତ କରାଯାଇଥିବା ଅଭିଯୋଗ / ଅସଦାଚରଣ ସହିତ ଅସମାନୁପାତିକ ବୋଲି କୁହାଯାଇପାରେ ।

୬.୬ ଏହା ଅନୁରୋଧ କରାଯାଉଛି ଯେ ପ୍ରତିବାଦୀ-ଠିକାଦାରଙ୍କ ଦ୍ୱାରା ଏହା ପ୍ରଥମ ଅପରାଧ ଥିଲା । ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶ ପରେ ଓଡିଶା ସରକାରଙ୍କ ପୂର୍ତ୍ତ  ବିଭାଗ କାର୍ଯ୍ୟାଳୟ ତା ୨୬ .୧୧ .୨୦୨୧ ରିଖରେ ଏକ ସ୍ମାରକ ପତ୍ର / ଜ୍ଞାପନ ଜାରି କରିଥିଲା , ଯେଉଁଥିରେ ପ୍ରତ୍ୟେକ ଅପରାଧ ପାଇଁ କଳା ତାଲିକାଭୁକ୍ତ ହେବାର ଅବଧି ତିନି ବର୍ଷ ପର୍ଯ୍ୟନ୍ତ ସୀମିତ ରହିବ ଯେବେ କି ଏକାଧିକ ଅପରାଧ ପାଇଁ ଏକସଙ୍ଗରେ ସର୍ବାଧିକ ୧୦ ବର୍ଷର ସମଗ୍ର ଅବଧି ରଖାଯାଇଥିଲା । ଏହା ଦାଖଲ କରାଯାଇଛି ଯେ, ଉତ୍ତରଦାତାଙ୍କୁ କଳା  ତାଲିକାଭୁକ୍ତ କରାଯିବାର ସାଢେ ୪ ବର୍ଷ ପୂରଣ ହୋଇସାରିଛି । ତେଣୁ ପ୍ରତିବାଦୀ-ଠିକାଦାରଙ୍କୁ ସ୍ଥାୟୀ ଭାବେ କଳା ତାଲିକାଭୁକ୍ତ କରି ଦିଆଯାଇଥିବା ଆଦେଶକୁ ନାକଚ କରି ରଦ୍ଦ କରାଯିବା ଯୋଗ୍ୟ ଅଟେ ।

୬.୭  ଉପରୋକ୍ତ ଉପସ୍ଥାପନ କରି **ଏରୁସିଆନ୍ ଇକ୍ୱିପମେଣ୍ଟ ଆଣ୍ଡ କେମିକାଲ୍ସ ଲିମିଟେଡ ବନାମ ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟ (୧୯୭୫ ) ୧ ଏସ ସି ସି ୭୦ , କୁଲଜା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ବନାମ ଚିଫ୍**

**ଜେନେରାଲ ମ୍ୟାନେଜର, ୱେଷ୍ଟର୍ଣ୍ଣ ଟେଲିକମ୍ ପ୍ରକଳ୍ପ ଭାରତ ସଞ୍ଚାର ନିଗମ ଲିମିଟେଡ ଏବଂ ଅନ୍ୟ (୨୦୧୪ )୧୪ ଏସ ସି ସି ୭୩୧ ଏବଂ ମେସର୍ସ ଡାଫୋଡିଲ୍ସ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ ଏବଂ ଅନ୍ୟଜଣେ ବନାମ ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟଜଣେ ୨୦୧୯(୧୭) ସ୍କେଲ ୭୫୮** ମାମଲାରେ ଏହି ନ୍ୟାୟାଳୟର ନିଷ୍ପତ୍ତିକୁ ବିଶ୍ୱାସ କରି , ବର୍ତ୍ତମାନର ଆବେଦନକୁ ଖାରଜ କରିବା ଏବଂ / କିମ୍ବା ବିକଳ୍ପରେ କଳା ତାଲିକାଭୁକ୍ତ ସୂଚୀର ଅବଧିକୁ ହ୍ରାସ କରିବା ପାଇଁ ଅନୁରୋଧ କରାଯାଇଛି ।

୭. ଆମ୍ଭେ ସଂପୃକ୍ତ ପକ୍ଷଙ୍କ ତରଫରୁ ଉପସ୍ଥିତ ଥିବା ଶ୍ରୀମାନ ଓକିଲଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଶୁଣିଛୁ ।

୮. ଓଡ଼ିଶା ସରକାରଙ୍କ ଉତ୍ତରଦାତା-ଠିକାଦାରଙ୍କୁ ଦୋଷୀ / କଳା ତାଲିକାଭୁକ୍ତ କରାଯାଇଥିବା ଆଦେଶକୁ ଉଚ୍ଚ ନ୍ୟାୟାଳୟ ନିଜର ଆକ୍ଷେପିତ ରାୟ ଓ ଆଦେଶ ଜରିଆରେ ମୁଖ୍ୟତଃ ଏହି କାରଣରୁ ରଦ୍ଦ କରିଦେଇଛନ୍ତି ଯେ ଏହା ପୂର୍ବ ନିର୍ଦ୍ଧାରିତ ଥିଲା ଏବଂ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଂଘନ କରୁଛି ।

୮.୧ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ମୁଖ୍ୟ ଇଞ୍ଜିନିୟର (ଡିଜାଇନ୍) ଏବଂ ମୁଖ୍ୟ ଇଞ୍ଜିନିୟର (ଡି ପି ଆଇ ଆଣ୍ଡ ରୋଡସ୍ ) ନାମକ ଦୁଇ ଜଣିଆ କମିଟି ଦ୍ୱାରା କରାଯାଉଥିବା ଉଚ୍ଚସ୍ତରୀୟ ତଦନ୍ତ ପରେ ଏହି କଳା ତାଲିକାଭୁକ୍ତ କରାଯିବାର ପଦକ୍ଷେପ ନିଆଯାଇଥିଲା । ଠିକା ବ୍ୟବସ୍ଥା ଏବଂ ଅଙ୍କନର ଅଧ୍ୟୟନ କରିବାପରେ ,ଏବଂ ଘଟଣାସ୍ଥଳରେ ତଦନ୍ତ କରିବାପରେ ଏବଂ ଫର୍ମୱାର୍କର ସାଧାରଣ ଢଙ୍ଗ ଏବଂ ହଠାତ୍ ପତନକୁ ନେଇ ବ୍ୟାପକଭାବେ ବିଚାର କରିବା ପରେ , ଏକ ବିସ୍ତୃତ ରିପୋର୍ଟ ଦାଖଲ କରାଯାଇଥିଲା ଏବଂ ଉତ୍ତରଦାତା-ଠିକାଦାରଙ୍କ ସମ୍ବନ୍ଧରେ ନିମ୍ନଲିଖିତ ଟିପ୍ପଣୀମାନ ଦିଆଯାଇଥିଲା :-

"(ଖ) ଠିକାଦାର ସମ୍ବନ୍ଧରେ

(i) ଠିକାଦାର ଫର୍ମୱାର୍କ ଡିଜାଇନ ଦାଖଲ କରିନାହାନ୍ତି ଏବଂ ନିଜ ହିସାବରେ ଆୟୋଜନ କରି କାର୍ଯ୍ୟ କରିଥିବାରୁ ନିର୍ମାଣଧୀନ ଅବସ୍ଥାରେ ଏପରି ବିଶାଳ ଢାଞ୍ଚା ଭାଙ୍ଗିବାର ପରିସ୍ଥିତି ସୃଷ୍ଟି ହୋଇଛି । ଫର୍ମୱାର୍କର ଡିଜାଇନ ସମ୍ପୂର୍ଣ ଭାବରେ ଠିକାଦାରଙ୍କର ଦାୟିତ୍ୱାଧୀନ ଅଟେ ଏବଂ ଇଞ୍ଜିନିୟରଙ୍କ ଦ୍ୱାରା ଡ୍ରଇଂ ଏବଂ ଡିଜାଇନର କୌଣସି ଅନୁମୋଦନ କିମ୍ବା ସମୀକ୍ଷା ସତ୍ତ୍ୱେ ଫର୍ମୱାର୍କର ପର୍ଯ୍ୟାପ୍ତତା ଏବଂ ସୁରକ୍ଷା ପାଇଁ ଠିକାଦାର ହିଁ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ ।

(ii) ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଏପରି ଆକସ୍ମିକ ଦୁର୍ଭାଗ୍ୟଜନକ ଦୁର୍ଘଟଣାକୁ ଏଡ଼ାଇବା ଲାଗି ଠିକାଦାର ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିନଥିଲେ , ଏପରିକି ନିର୍ମାଣ ବିଫଳତା କ୍ଷେତ୍ରରେ ମଧ୍ୟ ।

(iii) ରାଜିନାମାର ନିୟମାବଳୀ (କୋଡ) ଏବଂ ପ୍ରକରଣ ପୁସ୍ତିକା (ମାନୁଆଲ) ଅନୁଯାୟୀ ଗୁଣବତ୍ତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇନଥିଲା ।

(iv) ଅନ୍ୟ ଫର୍ମୱାର୍କ ସମାବେଶରେ ଦେଖାଯାଇଛି ଯେ କର୍ମଦକ୍ଷତାରେ ଅନେକ ଅଭାବ ମିଳିଛି ଯାହା କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଭାବ ପକାଇପାରେ ।

୮.୨ ଏହା ପରେ ଠିକାଦାରଙ୍କ ତରଫରୁ ତ୍ରୁଟି ଯୋଗୁଁ ଏକ ଗୁରୁତର ଘଟଣା ଘଟିଥିଲା , ଯେଉଁଥିରେ ୧୦ ମିଟର ସ୍ଲାବ ଭୁଶୁଡ଼ି ପଡ଼ିଥିଲା ଏବଂ ଉକ୍ତ ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା ଏବଂ ୧୧ ଜଣ ଆହତ ହୋଇଥିବା ମାମଲାର ବିଚାର କରି ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ଦାଖଲ କରାଯାଇଥିବା ଏକ ରିପୋର୍ଟକୁ ରାଜ୍ୟ ସରକାର ଅନୁଧ୍ୟାନ କରିଥିଲେ । ତେଣୁ ଓ ପି ଡବ୍ଲୁ ଡି ନିୟମାବଳୀ ପ୍ରକ୍ରିୟା ଅନୁଯାୟୀ ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏହାପରେ , ପ୍ରତିବାଦୀ-ଠିକାଦାରଙ୍କୁ ତାଙ୍କୁ କାହିଁକି କଳା ତାଲିକାଭୁକ୍ତ କରାଯିବ ନାହିଁ କାରଣ ଦର୍ଶାଇବା ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଓ ପି ଡବ୍ଲୁ ଡି ସଂହିତାର ବ୍ୟବସ୍ଥା ଏବଂ ପ୍ରକ୍ରିୟା ଅନୁଯାୟୀ ଏହି କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଉତ୍ତରଦାତା-ଠିକାଦାର ମଧ୍ୟ ଏହାର ଉତ୍ତର ଦେଇଥିଲେ । କାରଣ ଦର୍ଶାଅ ନୋଟିସରେ ବର୍ଣ୍ଣିତ ଅଭିଯୋଗ ଏବଂ ଠିକାଦାରଙ୍କ ଦ୍ୱାରା ଦାଖଲ କରାଯାଇଥିବା ସେଥିପ୍ରତି ଉତ୍ତରକୁ ବିଚାର କରିବା ପରେ ସରକାର ଏହି କଳା ତାଲିକାଭୁକ୍ତ ଆଦେଶ ଜାରି କରିଥିଲେ । କେବଳ ତଦନ୍ତ କମିଟି ରିପୋର୍ଟ ଉପରେ ବିଚାର କରିବା ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବାରୁ ଏବଂ ତା'ପରେ ରାଜ୍ୟ ସରକାର କଳା ତାଲିକାଭୁକ୍ତ କରିବା ଲାଗି ପ୍ରକ୍ରିୟା ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଥିବାରୁ ଉଚ୍ଚ ନ୍ୟାୟଳୟ ଏହା କହିବା ଠିକ୍ ନୁହେଁ ଯେ କଳା ତାଲିକାଭୁକ୍ତ ଆଦେଶ ପୂର୍ବ ନିର୍ଦ୍ଧାରିତ ଥିଲା । ତା ୧୦.୧୦.୨୦୧୭ ରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଇଞ୍ଜିନିୟରଙ୍କୁ ଦିଆଯାଇଥିବା ଚିଠିକୁ କଳା ତାଲିକାଭୁକ୍ତ କରିବାର ପ୍ରକ୍ରିୟା ଆରମ୍ଭ କରିବା ଲାଗି ଏକ ପ୍ରସ୍ତାବିତ ନିଷ୍ପତ୍ତି ବୋଲି କୁହାଯାଇପାରେ । ତା ୧୦.୧୦.୨୦୧୭ ରିଖରେ ଜାରି କରାଯାଇଥିବା ଚିଠିରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରାଯାଇଛି ଯେ ଓ ପି ଡବ୍ଲୁ ଡି ନିୟମାବଳୀ ଅନୁଯାୟୀ ପ୍ରକ୍ରିୟା ଅନୁସରଣପୂର୍ବକ କଳା ତାଲିକାଭୁକ୍ତ କରିବା ଲାଗି ପଦକ୍ଷେପ ନିଆଯିବ । କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ପୂର୍ବରୁ ଯେତେବେଳେ କୌଣସି ଅସ୍ଥାୟୀ ନିଷ୍ପତ୍ତି ନିଆଯାଇଥାଏ , ସେତେବେଳେ ଏହା କୁହାଯାଇ ପାରିବ ନାହିଁ ଯେ ପରବର୍ତ୍ତୀ ନିଷ୍ପତ୍ତି ନେବା ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ଏବଂ ଓ ପି ଡବ୍ଲୁ ଡି ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନକୁ ପୂର୍ବ ନିର୍ଦ୍ଧାରିତ ବୋଲି କୁହା ଯାଇପାରେ । କଳା ତାଲିକାଭୁକ୍ତ କରିବା ଲାଗି କୌଣସି ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଉପଲବ୍ଧ ବାସ୍ତବତା ଆଧାରରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଏକ ଅସ୍ଥାୟୀ / ପ୍ରାଥମିକ ମତପୋଷଣ କରି ଅସ୍ଥାୟୀ ନିଷ୍ପତ୍ତି

ନିଆଯାଇପାରେ । ସମ୍ପ୍ରତି ମାମଲାରେ ଏକ କମିଟି ଦ୍ୱାରା ପ୍ରଦାନ କରାଯାଇଥିବା ସବିସ୍ତୃତ ରିପୋର୍ଟ ଆଧାରରେ ପ୍ରତିବାଦୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରଯାଇଥିଲା । ଉତ୍ତରଦାତାଙ୍କ ବିରୋଧରେ ଆରମ୍ଭ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଶୂନ୍ୟ ଆସ୍ଫାଳନ ନଥିଲା , ବରଂ କମିଟିର ରିପୋର୍ଟକୁ ବିଚାରକୁ ନେଇ ଏବଂ ଆବଶ୍ୟକୀୟ ପ୍ରକ୍ରିୟାକୁ ଅନୁସରଣ କରିବା ପରେ ନିଆ ଯାଇଥିଲା । ତେଣୁ ଉଚ୍ଚ ନ୍ୟାୟାଳୟ ଏହା କହି ଭୁଲ କରିଛନ୍ତି ଯେ କଳା ତାଲିକାଭୁକ୍ତ ଆଦେଶ ପୂର୍ବ ନିର୍ଦ୍ଧାରିତ ଥିଲା ।

୮.୩ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ କଳା ତାଲିକାଭୁକ୍ତ ସୂଚୀ ଆଦେଶ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଙ୍ଘନ କରୁଥିଲା , କିନ୍ତୁ ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ କଳା ତାଲିକାଭୁକ୍ତ ସୂଚୀ ଆଦେଶ ପୂର୍ବରୁ ଉତ୍ତରଦାତା ଠିକାଦାରଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରି ତାଙ୍କୁ କାହିଁକି କଳାତାଲିକା ଭୁକ୍ତ କରା ନ ଯିବ ଜବାବ ତଲବ କରାଯାଇଥିଲା । ଏକ ସବିସ୍ତୃତ କାରଣ ଦର୍ଶାଅ ନୋଟିସ୍ ନିର୍ଦ୍ଦିଷ୍ଟ ଅଭିଯୋଗ ସହିତ ଜାରି କରାଯାଇଥିଲା , ଯାହାର ଉତ୍ତର ଉତ୍ତରଦାତା-ଠିକାଦାର ସବିସ୍ତୃତ ଭାବେ ପ୍ରଦାନ କରିଥିଲେ । କାରଣ ଦର୍ଶାଅ ନୋଟିସରେ ବର୍ଣ୍ଣିତ ଅଭିଯୋଗ , ଉତ୍ତରଦାତା-ଠିକାଦାରଙ୍କ ଦ୍ୱାରା ସେଥିପ୍ରତି ଦିଆଯାଇଥିବା ଉତ୍ତର ଏବଂ ନଥିରେ ଉପଲବ୍ଧ ତଥ୍ୟକୁ ବିଚାରକୁ ନେଇ ବିବେଚନା କଲାପରେ କଳା ତାଲିକାଭୁକ୍ତ ଆଦେଶ ପାରିତ ହୋଇଥିଲା । ଆମ୍ଭେ ଏହା ବୁଝିପାରୁନାହୁଁ ଯେ ଏଭଳି ସ୍ଥିତିରେ କଳା ତାଲିକାଭୁକ୍ତ ଆଦେଶକୁ କିପରି ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଂଘନ ବୋଲି କୁହାଯାଇପାରିବ ।

୮.୪ **ଗ୍ରୋସନ୍ସ ଫାର୍ମାସ୍ୟୁଟିକାଲ (ପି) ଲିମିଟେଡ ଏବଂ ଅନ୍ୟ ବନାମ ଉତ୍ତର ପ୍ରଦେଶ ରାଜ୍ୟ , (୨୦୦୧ ) ୮ ଏସ୍ ସି ସି ୬୦୪** ମାମଲାରେ , ଠିକାଦାର ଦ୍ୱାରା କଳା ତାଲିକାଭୁକ୍ତ ଆଦେଶକୁ ଏହି କାରଣରୁ ବିରୋଧ କରା ଯାଇଥିଲା ଯେ ଠିକାଦାରଙ୍କୁ ସେ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇ ନଥିଲା ଯାହାର ଆଧାରରେ ତାଙ୍କ ବିରୋଧରେ ଅଭିଯୋଗ ଅଣାଯାଇଥିଲା । ଠିକାଦାରଙ୍କ ତରଫରୁ କୁହାଯାଇଥିଲା ଯେ ଏଭଳି ସାମଗ୍ରୀ ଯୋଗାଇ ନ ଦିଆଯିବା ହିଁ ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଙ୍ଘନ କରୁଛି । ଏହା ଉପରେ ଏହି ନ୍ୟାୟାଳୟ ପର୍ଯ୍ୟବେକ୍ଷଣ କଲେ ଯେ ଏଠାରେ ଆଇନର ଯଥେଷ୍ଟ ଆବଶ୍ୟକତା ଥିଲା ଯେ ଆବେଦନକାରୀଙ୍କୁ କଳା ତାଲିକାଭୁକ୍ତ କରିବା ପୂର୍ବରୁ କାରଣ ଦର୍ଶାଇବାର ସୁଯୋଗ ଦିଆଯାଇଥିଲା । ଏହି ନ୍ୟାୟାଳୟ କହିଥିଲେ ଯେ ଠିକାଦାରଙ୍କୁ କାରଣ ଦର୍ଶାଇବାର ସୁଯୋଗ ଦିଆଯାଇଥିଲା ଏବଂ ସେ ରାଜ୍ୟ ସରକାରଙ୍କୁ କାରଣ ଦର୍ଶାଇ ଉତ୍ତର ମଧ୍ୟ ପ୍ରଦାନ କରିଥିଲେ ଏବଂ ସେଥିପାଇଁ ଠିକାଦାରଙ୍କୁ କଳା

ତାଲିକାଭୁକ୍ତ କରିବା ସମୟରେ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରକ୍ରିୟା ପ୍ରାକୃତିକ ନ୍ୟାୟର ନୀତି ସହିତ ଅନୁରୂପତା ପାଳନ କରି ଥିଲା।

୮.୫ ବର୍ତ୍ତମାନର ମାମଲାରେ , ଯେପରିକି ଏଠାରେ ଉଲ୍ଲେଖ କରାଯାଇଛି , ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇ କାହିଁକି ତାଙ୍କୁ କଳା ତାଲିକାଭୁକ୍ତ କରାଯିବ ନାହିଁ ବୋଲି ଜବାବତଲବ କରାଯାଇଥିଲା । କାରଣ ଦର୍ଶାଅ ନୋଟିସର ଉତ୍ତର ଠିକାଦାର ପ୍ରଦାନ କରିଥିଲେ । ଏବଂ ଏହାପରେ ନଥିରେ ଥିବା ତଥ୍ୟକୁ , ଠିକାଦାରଙ୍କ ଦ୍ୱାରା ଦିଆଯାଇଥିବା ଉତ୍ତରକୁ ବିଚାର କରିବା ପରେ ତଥା ଗୁରୁତର ତୃଟି ହୋଇଥିବାର ଦେଖିବା ପରେ ଯେଉଁ କାରଣରୁ ଏତେ ବଡ ଦୁର୍ଘଟଣା ଘଟିଥିଲା ଯେଉଁଥିରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ ଓ ଏଗାର ଜଣ ଆହତ ହୋଇଥିଲେ ,ଏହି କାରଣବଶତଃ ରାଜ୍ୟ ସରକାର ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବାକୁ ଏକ ସଚେତନ ନିଷ୍ପତ୍ତି ନେଲେ । ଠିକାଦାରଙ୍କୁ କଳା ତାଲିକାଭୁକ୍ତ କରିବା ଦ୍ୱାରା ପ୍ରାକୃତିକ ନ୍ୟାୟର ନିୟମ ଉଲ୍ଲଘଂନ ହୋଇଛି ବୋଲି କୁହାଯାଇ ପାରିବ ନାହିଁ।

୮.୬ **ଗୋର୍ଖା ସିକ୍ୟୁରିଟି ସର୍ଭିସେସ୍ ବନାମ ସରକାର (ଏନ ସି ଟି ଅଫ୍ ଦିଲ୍ଲୀ) ଓ ଅନ୍ୟମାନେ , (୨୦୧୪ ) ୯ ଏସ୍ ସି ସି ୧୦୫** ମାମଲାରେ ଏହି ନ୍ୟାୟାଳୟର ମତରେ , କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପଛରେ ମୂଳ ଉଦ୍ଦେଶ୍ୟ ହେଉଛି ନୋଟିସ ଜରିଆରେ ନୋଟିସ ପାଇଥିବା ବ୍ୟକ୍ତି ତାଙ୍କ ବିରୋଧରେ ଦାୟର ହୋଇଥିବା ମାମଲାକୁ ସମ୍ମୁଖୀନ କରିବା ପାଇଁ ସମ୍ୟକ ଧାରଣା ପାଇବେ । ଏଥିପାଇଁ ତାଙ୍କ ଉପରେ ଆରୋପିତ କରାଯାଇଥିବା ନିୟମ-ଭଙ୍ଗ ଦୋଷ, ଅଭିଯୋଗ ଏବଂ ତ୍ରୁଟିର ସବିଶେଷ ବିବରଣୀ ପ୍ରଦାନ କରିବାର ଆବଶ୍ୟକତା ରହିଛି , ଯାହାଫଳରେ କି ତାଙ୍କୁ ଏହାକୁ ଖଣ୍ଡନ କରିବାର ସୁଯୋଗ ମିଳିପାରିବ। ଆଉ ଏକ ଆବଶ୍ୟକତା ହେଉଛି ଯେ ଏପରି ନିୟମ ଉଲ୍ଲଂଘନ ପାଇଁ କେଉଁ ପ୍ରକାରର ପଦକ୍ଷେପ ଗ୍ରହଣ କରାଯିବ ।

୮.୭ ଏହି ନ୍ୟାୟାଳୟ ଦ୍ୱାରା ଆଇନ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ "ପ୍ରତିବନ୍ଧକ" କୁ ମାନ୍ୟତା ପ୍ରଦାନ କରାଯାଇଛି ଏବଂ କାର୍ଯ୍ୟରେ ଚ୍ୟୁତି ବା ଭୁଲ୍ କାର୍ଯ୍ୟ କରିଥିବା ବିପଥଗାମୀ ଯୋଗାଣକାରୀ / ଠିକାଦାରମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଏହାକୁ ଏକ ପ୍ରଭାବୀ ଉପାୟ ଭାବେ ବ୍ୟବହାର କରାଯାଇଥାଏ । ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି କଳା ତାଲିକାଭୁକ୍ତ / ପ୍ରତିବନ୍ଧକ ଆଦେଶ ଜାରି କରିବା ରାଜ୍ୟ କିମ୍ବା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଅଟେ । ତେଣୁ ଠିକାଦାରଙ୍କର ଏପରି ସାଂଘାତିକ ଭୁଲ କରିବା ଓ ତାଙ୍କ

ଉପରେ ଲଗାଯାଇଥିବା ଏପରି ଗମ୍ଭୀର ଅଭିଯୋଗକୁ ଦୃଷ୍ଟି ନ ଦେଇ କଳା ତାଲିକାଭୁକ୍ତ ଆଦେଶକୁ ନାକଚ କରି ରଦ୍ଦ କରିବା ଉଚ୍ଚ ନ୍ୟାୟାଳୟର ଭୁଲ ଓ ଏହାଦ୍ୱାରା ଉଚ୍ଚ ନ୍ୟାୟାଳୟ ଭାରତୀୟ ସମ୍ବିଧାନର ଧାରା ୨୨୬ ଅନ୍ତର୍ଗତ କ୍ଷମତା ପ୍ରୟୋଗ କରିବାରେ ନିଜର ଅଧିକାର କ୍ଷେତ୍ରର ଉଲ୍ଲଙ୍ଘନ କରିଛନ୍ତି । ଯଦିଚ ଠିକାଦାରଙ୍କ କାର୍ଯ୍ୟ ତ୍ରୁଟି ଯୋଗୁଁ ଡେକ୍ ର କଂକ୍ରିଟ କାମ ଚାଲିଥିବା ସମୟରେ ୧୦ ମିଟର ସ୍ଲାବ ଭୁଷୁଡି ଯିବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୧ ଜଣ ଆହତ ହୋଇଥିଲେ । ବିଶେଷ କରି ନିର୍ମାଣ କାର୍ଯ୍ୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାର ଘୋର ଅଭାବ ପରିଲକ୍ଷିତ ହୋଇଥିଲା । ଏହା ମଧ୍ୟ ଜଣାପଡ଼ିଥିଲା ଯେ  ରାଜିନାମାର ନିୟମାବଳୀ  ଏବଂ ପ୍ରକରଣ ପୁସ୍ତିକା (ମାନୁଆଲ)  ଅନୁଯାୟୀ ଗୁଣାତ୍ମକ ମାନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇନଥିଲା । ତେଣୁ  ଏହି  ଘଟଣା , ଯେଉଁଥିରେ ଫ୍ଲାଇଓଭର ନିର୍ମାଣରେ ଠିକାଦାରଙ୍କ ତୃଟି ଓ ବିଚ୍ୟୁତି ଯୋଗୁଁ  ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୧ ଜଣ ଆହତ ହୋଇଥିଲେ ତାହା କେତେ ଗୁରୁତର  ଉଚ୍ଚ ନ୍ୟାୟାଳୟ ବିଚାର କରିବାର ଥିଲା ।

୯. ଏହି ନ୍ୟାୟାଳୟର ବିଚାର ପାଇଁ ଉଠିଥିବା ପରବର୍ତ୍ତୀ ପ୍ରଶ୍ନ ହେଉଛି , ଏହି ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ଠିକାଦାରଙ୍କୁ ସ୍ଥାୟୀ ଭାବେ ନିଷିଦ୍ଧ/କଳା ତାଲିକାଭୁକ୍ତ କରାଯିବା ଆବଶ୍ୟକ ଥିଲା କି?

୯.୧ **କୁଲଜା ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ପୂର୍ବୋକ୍ତ) କ୍ଷେତ୍ରରେ ,** ଏହି ନ୍ୟାୟାଳୟ ଏହା ମଧ୍ୟ କହିଛନ୍ତି ଯେ ପ୍ରତିବନ୍ଧକ କେବେ ସ୍ଥାୟୀ ନୁହେଁ ଏବଂ ପ୍ରତିବନ୍ଧକ ଲଗାଇବାର ଅବଧି ଠିକାଦାରଙ୍କ ଦ୍ୱାରା କରାଯାଇଥିବା ଅପରାଧର ପ୍ରକୃତି ଉପରେ ସମ୍ପୂର୍ଣ୍ଣ  ନିର୍ଭର କରିବ । ଉକ୍ତ ନିଷ୍ପତ୍ତିରେ ଏହି ନ୍ୟାୟାଳୟ  କଳା  ତାଲିକାଭୁକ୍ତ କରାଯିବାର ଅବଧି କେତେ ସମୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ସ୍ଥିର କରି ମାର୍ଗଦର୍ଶିକା ନିର୍ଦ୍ଧାରଣ କରିବା ପାଇଁ ଜୋର ଦେଇଥିଲେ । ଏହି ନ୍ୟାୟାଳୟର ମତ ଅନୁଯାୟୀ କଳା ତାଲିକାଭୁକ୍ତ କାର୍ଯ୍ୟକାରିତାର  ଅବଧି ନିର୍ଦ୍ଧାରଣ କରିବା ସମୟରେ ଉଦ୍ଦେଶ୍ୟ ଏବଂ ସ୍ୱଚ୍ଛତା ଅବଲମ୍ବନ ପାଇଁ  ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିବା ଆବଶ୍ୟକ।ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ, ଅପରାଧ, ଉଲ୍ଲଂଘନ ଏବଂ ନିୟମଭଙ୍ଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହି ନିର୍ଦ୍ଦେଶାବଳୀ ପ୍ରତିବନ୍ଧର ଭିନ୍ନ ଭିନ୍ନ ସମୟସୀମା ନିର୍ଦ୍ଧାରଣ କରିପାରେ । ବର୍ତ୍ତମାନର ମାମଲାରେ , କଳା ତାଲିକାଭୁକ୍ତ ଆଦେଶ ପାରିତ ହେବାପରେ , ରାଜ୍ୟ ସରକାର ତା ୨୬.୧୧.୨୦୨୧ ରିଖରେ  ସ୍ମାରକ ପତ୍ର ଦ୍ୱାରା ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି , ଯାହାକି ନିମ୍ନରେ ପ୍ରଦାନ କରାଗଲା :

"ପ୍ରତ୍ୟେକ ଅପରାଧ ପାଇଁ କଳା ତାଲିକାଭୁକ୍ତ ଅବଧି ୩ (ତିନି) ବର୍ଷ ପର୍ଯ୍ୟନ୍ତ ସୀମିତ ରହିବ, ଯେବେ କି ଏକାଧିକ ଅପରାଧ ପାଇଁ ସର୍ବାଧିକ ୧୦ (ଦଶ) ବର୍ଷର ସମଗ୍ର ଅବଧି ସ୍ଥିର ହେବ। "

ତେବେ ଆମେ ଦେଖିପାରୁଛୁ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ତା୨୬.୧୧.୨୦୨୧ ରିଖରେ ସ୍ମାରକ ପତ୍ର ରେ ଜାରି କରାଯାଇଥିବା ନିର୍ଦ୍ଦେଶନାମାକୁ ଆମେ ଅନୁମୋଦନ କରୁନାହୁଁ । କେବଳ ଗୋଟିଏ ଅପରାଧ ପାଇଁ କଳା ତାଲିକାଭୁକ୍ତ ହେବାର ଅବଧିକୁ ସ୍ଥିର କରାଯାଇପାରିବ ନାହିଁ । ହୋଇଥିବା ତ୍ରୁଟି ଏବଂ ଘଟଣାର ଗୁରୁତ୍ୱ ଏବଂ/ କିମ୍ବା ଠିକାଦାରଙ୍କ ତରଫରୁ ହୋଇଥିବା ଗର୍ହିତ ତ୍ରୁଟି ଏବଂ ଭୁଲ ଫଳରେ ଘଟିଥିବା ଗୁରୁତର ଘଟଣା , ପ୍ରାସଙ୍ଗିକ ବିଚାର ଅଧୀନ ହେବା ଉଚିତ । କୌଣସି ନିର୍ଦ୍ଦିଷ୍ଟ ମାମଲାରେ ଏପରି ହୋଇପାରେ ଯେ , କାର୍ଯ୍ୟରେ ଚ୍ୟୁତି ଏବଂ ଭୁଲ୍ କରିବା ଅତ୍ୟନ୍ତ ଗୁରୁତର ଏବଂ ଏହି ଗର୍ହିତ ତ୍ରୁଟି ଏବଂ / ଅଥବା ଅବହେଳା କାରଣରୁ ଏକ ବଡ଼ ଦୁର୍ଘଟଣା ଘଟିଯାଇପାରେ । ଏପରି କ୍ଷେତ୍ରରେ , ଠିକାଦାରଙ୍କ ଏହା ପ୍ରଥମ ଅପରାଧ ହୋଇପାରେ , ଏହିପରି ମାମଲାରେ କଳା ତାଲିକାଭୁକ୍ତ / ପ୍ରତିବନ୍ଧକ ଲଗାଇବାର ଅବଧି / କାଳ ତିନି ବର୍ଷରୁ ଅଧିକ ହୋଇପାରେ । ତେବେ ଯେହେତୁ ଉପରୋକ୍ତ ନିର୍ଦ୍ଦେଶାବଳୀ ଆପତ୍ତି ଅଧୀନରେ ନାହିଁ , ତେଣୁ ଆମେ ଏହି ପ୍ରସଙ୍ଗକୁ ସେଠାରେ ଛାଡ଼ିଦେଉଛୁ ଏବଂ ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଦେଉଛୁ ଯେ ସେମାନେ ଏହି ଅଫିସ ସ୍ମାରକପତ୍ରରେ ଆବଶ୍ୟକୀୟ ସଂଶୋଧନ ଏବଂ/ କିମ୍ବା ପରିବର୍ତ୍ତନ କରିବେ । ତେବେ ଉପରେ ଆମେ ଯାହା ଦେଖିଛୁ ତାହା ପ୍ରତିବନ୍ଧକ/ କଳା ତାଲିକାଭୁକ୍ତର ଅବଧି ନିର୍ଦ୍ଧାରଣ କରିବା ସମୟରେ ମାର୍ଗଦର୍ଶକ ହୋଇପାରେ ।

ଏହି ମାମଲାରେ ଏହା ସତ୍ୟ ହୋଇପାରେ ଯେ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ଅପରାଧ ତାଙ୍କର ପ୍ରଥମ ଅପରାଧ ଥିଲା । ଠିକାଦାରଙ୍କ ଭୁଲ୍ ଯୋଗୁଁ ଏକ ଗମ୍ଭୀର ଦୁର୍ଘଟଣା ଘଟିଥିଲା , ଏକ ଫ୍ଲାଏ ଓଭର ନିର୍ମାଣ କରିବା ସମୟରେ ୧୦ମିଟର ସ୍ଲାବ ଭୁଶୁଡି ଯାଇଥିଲା , ଯେଉଁଥିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୧ ଜଣ ଆହତ ହୋଇଥିଲେ । ତେବେ ପ୍ରସଙ୍ଗର ଗମ୍ଭୀରତାକୁ ଦୃଷ୍ଟିରେ ରଖି , ଏପରି ଠିକାଦାର କୌଣସି ପ୍ରକାର ଉଦାରତା ପାଇବାର ପାତ୍ର ନୁହନ୍ତି । କିନ୍ତୁ ତାଙ୍କୁ ସ୍ଥାୟୀ ଭାବେ ନିଷିଦ୍ଧ କରିବା ଅତ୍ୟନ୍ତ କଠୋରଦଣ୍ଡ ବୋଲି କୁହାଯାଇପାରେ । କିନ୍ତୁ ତା ୨୬.୧୧.୨୦୨୧ ରିଖର ପରବର୍ତ୍ତୀ ସ୍ମାରକପତ୍ରକୁ ଧ୍ୟାନରେ ରଖି ( ଯାହା ଉପରେ ଆମେ ଏଥିରେ ସହମତ ନାହୁଁ ) , ଆମର ମତ ରହିଛି ଯେ ଯଦି କଳା ତାଲିକାଭୁକ୍ତ କରିବା ସମୟକୁ ପାଞ୍ଚ ବର୍ଷ ମଧ୍ୟରେ ସୀମିତ ରଖାଯାଏ , ତେବେ ଏହା ସର୍ବାଙ୍ଗୀନ ଉପଯୁକ୍ତତା ହୋଇପାରେ ।

୧୦. ଉପରୋକ୍ତ ଆଲୋଚନାକୁ ଏବଂ କାରଣଗୁଡିକୁ ଦୃଷ୍ଟିରେ ରଖି , ବର୍ତ୍ତମାନର ଅପିଲ , ଅର୍ଥାତ୍ , ୨୦୨୨ର ଦେୱାନୀ ଅପିଲ ନଂ ୧୦୮୩ କୁ ଆଂଶିକ ଭାବେ ଅନୁମତି ଦିଆଯାଇଛି । ତା ୧୨. ୧୨. ୨୦୧୭ ରିଖରେ ଏହି ଅପିଲର ଉତ୍ତରଦାତା - ଠିକାଦାରଙ୍କୁ ଦୋଷୀ / କଳା ତାଲିକାଭୁକ୍ତ କରି ଦିଆଯାଇଥିବା ଆଦେଶକୁ ଖାରଜ କରି ଉଚ୍ଚ ନ୍ୟାୟାଳୟ ଦେଇଥିବା ଆକ୍ଷେପିତ ରାୟ ଏବଂ ଆଦେଶକୁ ନାକଚ ଓ ରଦ୍ଦ କରାଯାଉଛି । ତେବେ ଦୋଷୀ / କଳା ତାଲିକାଭୁକ୍ତ କରିବାର ଅବଧିକୁ କଳା ତାଲିକାଭୁକ୍ତ ଆଦେଶ ପାରିତ ହେବା ତାରିଖରୁ ପାଞ୍ଚ ବର୍ଷ ମଧ୍ୟରେ ସୀମିତ ରଖାଯିବ । ୨୦୨୨ ର ଦେୱାନୀ ଆବେଦନ ସଂଖ୍ୟା ୧୦୮୩ କୁ ଉପରୋକ୍ତ ସୀମା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି ।

୨୦୨୨ ର ଦେୱାନୀ ଅପିଲ ନଂ ୧୦୮୩ ରେ ପାରିତ ଆଦେଶକୁ ଦୃଷ୍ଟିରେ ରଖି , ୨୦୨୨ ର ଦେୱାନୀ ଅପିଲ ନଂ ୧୦୮୪ କୁ ଖାରଜ କରାଯାଇଛି । ମାମଲାର ତଥ୍ୟ ଏବଂ ପରିସ୍ଥିତି ଦୃଷ୍ଟିରୁ ବ୍ୟୟ ବାବଦରେ କୌଣସି ଆଦେଶ ରହିବ ନାହିଁ ।

.......... ବିଚାରପତି

**(ଏମ. ଆର. ଶାହ)**

ନୂଆଦିଲ୍ଲୀ , .......... ବିଚାରପତି

ଫେବୃଆରୀ ୨୪ , ୨୦୨୨। **(ବି. ଭି. ନାଗରତ୍ନ)**

**ଅସ୍ୱୀକାର ପତ୍ର**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**

**ଓଡିଶା ଉଚ୍ଚ ନ୍ୟାୟାଳୟ , କଟକ**